



# ଝୁଣ୍ଟିବ କି ବିଏସ୍‌ଡବ୍ଲ୍ୟୁସି ପ୍ରକଳ୍ପ ଡିପିଆର୍

- ବର୍ଷାଜଳ ନିଷ୍କାସନ ପାଇଁ ୫ ଡ୍ରେନେଜ୍ ପ୍ରକଳ୍ପ
- ମେ ସୁଦ୍ଧା ପ୍ରକଳ୍ପର ବ୍ୟୟ ଅଟକଳ ମଞ୍ଜୁରୀ
- ଜୁନ ୧୬ ସୁଦ୍ଧା ଟେଣ୍ଡର ଆହ୍ୱାନ

କଟକ, ୨୫।୪(ସମିସ): କଟକ ସହରର ଏକ ପ୍ରମୁଖ ସମସ୍ୟା ବର୍ଷାଜଳ ନିଷ୍କାସନର ପ୍ରତିକାର ପାଇଁ କାର୍ଯ୍ୟକାରୀ ହେବ ମାଷ୍ଟର ପ୍ଲାନ। ସହରର ବର୍ଷାଜଳ ନିଷ୍କାସନ ପାଇଁ ପ୍ରଥମେ ୩୩୫ କୋଟି ୪୨ ଲକ୍ଷ ଟଙ୍କାରେ ୫ଟି ବିଏସଡବ୍ଲୁସି (ବ୍ରାଞ୍ଚ ଷ୍ଟର୍ମ ୱାଟର ଚାନେଲ) ପାଇଁ ଡିପିଆର ପ୍ରସ୍ତୁତ କରାଯିବ ବୋଲି କୁହାଯାଇଥିବା ବେଳେ ଏବେ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟ ଅଟକଳ ହେବ ବୋଲି ଜଣାପଡ଼ିଛି। ହାଇକୋର୍ଟ ଏହି ପ୍ରସଙ୍ଗକୁ ମଧ୍ୟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ୱାଟକୋ ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରିବାକୁ ଥିବା ବେଳେ ଚୂଡ଼ାନ୍ତ ଡିଜାଇନ ପ୍ରସ୍ତୁତ କରିଛି ଆଇଆଇଟି। ଏହାକୁ ଅନୁମୋଦନ କରାଯାଇଥିବା ବେଳେ ଆସନ୍ତା ମେ ୧୦ ତାରିଖ ସୁଦ୍ଧା ପ୍ରକଳ୍ପର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇ ମେ ୩୦ତାରିଖ ସୁଦ୍ଧା ୱାଟକୋ ପକ୍ଷରୁ ପ୍ରଶାସନିକ ଅନୁମତି ମଞ୍ଜୁର କରାଯିବ ବୋଲି ଜଣାପଡ଼ିଛି। ଆସନ୍ତା ଜୁନ ୧୬ ସୁଦ୍ଧା ଟେଣ୍ଡର ଆହ୍ୱାନ କରାଯିବାକୁ ଥିବା ବେଳେ ବର୍ଷା ଋତୁରେ ପ୍ରକଳ୍ପ କାମ କରାଯିବା ନେଇ ସନ୍ଦେହ ଉପୁଜିଛି। ବର୍ଷା ଜଳ ସହଜରେ ନିଷ୍କାସନ ହୋଇପାରୁ ନଥିବାରୁ ଅନେକ ସମୟରେ କେଇ ଘଣ୍ଟା ବର୍ଷାରେ ସହର ଜଳବନ୍ଦୀ ହୋଇପଡ଼ିଥାଏ। କେବଳ ମୋଟର ପମ୍ପ ଲଗାଯାଇ ଅସ୍ଥାୟୀ ବ୍ୟବସ୍ଥା ଦ୍ୱାରା ଏହାର ନିରାକରଣ କେତେକାଂଶରେ କରାଯାଉଥିଲେ ମଧ୍ୟ ଏହି ବ୍ୟବସ୍ଥା ଫଳପ୍ରସୂ ହୋଇପାରୁନି। ଏହି ପ୍ରକଳ୍ପ ମଧ୍ୟରେ ରହିଛି ମେହିନ୍ଦପିରଠାରୁ ଖଟବିନ ସାହି ୧୩୦୫ମିଟର, ଫ୍ରେଣ୍ଡସଲୋନୀ-ବଜ୍ରକବାଟୀ ରୋଡ ୭୧୬ମିଟର, ଏସପି ଅଫିସରୁ ସେମିନାରୀ ଛକ ରାଉସାପାଟଣା ୨୯୦୦ମିଟର, ପୁରୀଘାଟ ତ୍ରିଶା ହସପିଟାଲରୁ ବଜ୍ରକବାଟୀ ୨୪୨୨ମିଟର ଓ ମାତୃଭବନରୁ ଖାନନଗର ୧୩୦୦ମିଟର ଶାଖା ଡ୍ରେନ ରହିଛି। ଅନ୍ୟପଟରେ କୋଟି କୋଟି ଟଙ୍କା ଏଥିପାଇଁ ପ୍ରତିବର୍ଷ ଖର୍ଚ୍ଚ ହେଉଛି। ବର୍ଷାଜଳ ନିଷ୍କାସନ ପାଇଁ ଗତ ଦୁଇ ବର୍ଷ ପୂର୍ବରୁ କରାଯାଇଥିବା ମାଷ୍ଟରପ୍ଲାନ ଆଗକୁ କିପରି କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଛି। ପ୍ରକାଶଥାଉକି, ଗତ ୨୦୨୩ ଡିସେମ୍ବର୭ରେ ଇଆଇସି ତଥା ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଉପରୋକ୍ତ ମାଷ୍ଟରପ୍ଲାନ ସମ୍ପର୍କରେ ସିଏମସି ନିକଟରୁ ଡିପିଆର ଆହ୍ୱାନ କରାଯାଇଥିଲା। ସିଏମସି ପକ୍ଷରୁ ଯେଉଁ ଡିପିଆର ଦିଆଯାଇଥିଲା ସେଥିରେ ତ୍ରୁଟିବିଚ୍ୟୁତି ଥିବା ପରିଲକ୍ଷିତ ହୋଇଥିଲା। ଏହା ଠିକ ଭାବେ ପ୍ରସ୍ତୁତ ହୋଇ ନଥିବା ତଥା ପ୍ରସ୍ତୁତକାରୀ ଅଧିକାରୀଙ୍କ ନାମ ନଥିବା ନେଇ ଏହାକୁ ବିଭାଗ ଫେରାଇ ଦେଇଥିଲା। ପରେ ଭିଜନ ଟେକ କନସଲଟାନ୍ସି ଲିମିଟେଡକୁ ଏହି ଡିପିଆର ପ୍ରସ୍ତୁତ ପାଇଁ ଦାୟିତ୍ୱ ଦିଆଯାଇଥିଲା। ହେଲେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଏହାକୁ ଭୁବନେଶ୍ୱର ଆଇଆଇଟି ଦ୍ୱାରା ଅଧିକ ଅନୁଧ୍ୟାନ ସହ ସିଏମ୍‌ସି ବଦଳରେ ୱାଟକୋକୁ କାର୍ଯ୍ୟ ସମ୍ପାଦନ ଦାୟିତ୍ୱ ଦିଆଯାଇଥିଲା।

## 'ଆମ ବସ୍' ଦୁର୍ଘଟଣାରେ ଦମ୍ପତି ଗୁରୁତର

କଟକ, ୨୫।୪(ସମିସ): କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ଓଡ଼ିଶା ଲୋକସେବା ଆୟୋଗ କାର୍ଯ୍ୟାଳୟ ସମ୍ମୁଖରେ ଦୁର୍ଘଟଣା ଘଟି ଏକ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ଦ୍ରୁତ ଗତିରେ 'ଆମ ବସ୍'ଟି ଆସୁଥିବା ବେଳେ ଗୋଟିଏ ବାଇକକୁ ଧକ୍କା ଦେଇଥିଲା। ସେହି ବାଇକରେ ଜଣେ ଯୁବକ ଅରିତ୍ରରାଜ ମହାନ୍ତି ଓ ତାଙ୍କ ପତ୍ନୀ ସମ୍ପିତା ମହାନ୍ତି ଯାଉଥିଲେ। ସେମାନେ ଷ୍ଟାଡିୟମ ଦିଗକୁ ଯାଉଥିବା ବେଳେ ପଛଦିଗରୁ ଆସୁଥିବା ବସ୍ ତାଙ୍କ ବାଇକକୁ ଜୋରରେ ଧକ୍କା ଦେଇଥିଲା। ଏହି ଧକ୍କାରେ ସେମାନେ ବାଇକ ସହିତ ଦୂରକୁ ଖସିପଡ଼ିଥିଲେ। ଦୁଇଜଣ ରକ୍ତାକ୍ତ ଅବସ୍ଥାରେ ଥିଲେ। ଏହାଦେଖି ସ୍ଥାନୀୟ ଲୋକେ ବସ୍‌ଟିକୁ ଅଟକାଇ ଚାଳକଙ୍କୁ ଘେରିଯାଇ ମାଡ଼ ମାରିଥିଲେ। ପରେ ପୁଲିସ ଆସି ଆହତ ଦମ୍ପତିଙ୍କୁ ଉଦ୍ଧାର କରି ଏସସିବି ମେଡିକାଲକୁ ପଠାଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରି ପୁଲିସ ବସ୍ ଚାଳକଙ୍କୁ ଧରିଥିଲା ଏବଂ ଦୁର୍ଘଟଣା କରିଥିବା ବସ୍‌ଟିକୁ ଜବତ କରିଛି। ଆହତ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ଦିଆଯାଇଛି, ଏବଂ ପୁଲିସ ତଦନ୍ତ ଚାଲୁ ରଖିଛି।




### ତୈଳ ଯୋଗାଣରେ ଅଘୋଷିତ କଟକଣା

## କଟକରେ ହନ୍ତସନ୍ତ ଗାଡ଼ି ମାଲିକ

- ଖୋଲା ବ୍ୟାରେଲ ବିକ୍ରି ଉପରେ ରୋକ୍

କଟକ, ୨୫।୪(ସମିସ): ମଧ୍ୟପ୍ରାଚ୍ୟରେ ଅସ୍ଥିରତା ଏବଂ ଯୁଦ୍ଧର ପରୋକ୍ଷ ପ୍ରଭାବ ଏବେ ରାଜ୍ୟର ବାଣିଜ୍ୟିକ ପେଣ୍ଠସ୍ଥଳୀ କଟକ ସହରରେ ଅନୁଭୂତ ହେବାକୁ ଲାଗିଛି। ବିଭିନ୍ନ ପ୍ରମୁଖ ତୈଳ ବିକ୍ରେତା କମ୍ପାନୀଗୁଡ଼ିକ ପକ୍ଷରୁ ପେଟ୍ରୋଲ ଓ ଡିଜେଲ ଯୋଗାଣ ଉପରେ ହଠାତ୍ କଟକଣା ଲଗାଯିବା ପରେ ସହରର ପେଟ୍ରୋଲ ପମ୍ପଗୁଡ଼ିକରେ ଏକ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି। ବିଶେଷକରି ଇଣ୍ଡିଆନ୍ ଅଏଲ୍ ଏବଂ ଭାରତ ପେଟ୍ରୋଲିୟମ୍ ଭଳି ପ୍ରମୁଖ କମ୍ପାନୀଗୁଡ଼ିକ ପକ୍ଷରୁ ଖୁଚୁରା ବିକ୍ରି ଉପରେ ସୀମା ନିର୍ଦ୍ଧାରଣ କରାଯାଇଛି। ଇଣ୍ଡିଆନ୍ ଅଏଲ୍ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ, ଜଣେ ଗ୍ରାହକ ଏକାଥରକେ ସର୍ବାଧିକ ୩୦ ହଜାର ଟଙ୍କାର ଡିଜେଲ କିମ୍ବା ୫ ହଜାର ଟଙ୍କାର ପେଟ୍ରୋଲ ପକାଇପାରିବେ। ସେହିପରି ଭାରତ ପେଟ୍ରୋଲିୟମ୍ ମଧ୍ୟ ଏକାଥରକେ ୩୦୦ ଲିଟର ଡିଜେଲ ଓ ୫୦ ଲିଟର ପେଟ୍ରୋଲ ଦେବା ପାଇଁ ଡିଲରମାନଙ୍କୁ ସୂଚିତ କରିଛି। ଏହି କଟକଣା ସହିତ ଖୋଲା ବ୍ୟାରେଲରେ ତେଲ ବିକ୍ରିକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବାରୁ ଏହାକୁ ନେଇ ସାଧାରଣରେ ଆଶଙ୍କା ଓ ଅସନ୍ତୋଷ ତେଜିବାରେ ଲାଗିଛି।

ଏହି ନୂତନ ନିୟମ ଯୋଗୁଁ ବିଶେଷ କରି ଭାରୀଯାନ ତଥା ଟ୍ରକ୍ ଓ ବସ୍ ମାଲିକମାନେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ସାଧାରଣତଃ ଏକ ବଡ଼ ଟ୍ରକର ତେଲ ଟାଙ୍କି କ୍ଷମତା ପ୍ରାୟ ୪୦୦ ଲିଟର ହୋଇଥିବା ବେଳେ ଲମ୍ବା ରୁଟ୍‌ର ବସ୍‌ଗୁଡ଼ିକରେ ୩୦୦ରୁ ୬୦୦ ଲିଟର ପର୍ଯ୍ୟନ୍ତ ଡିଜେଲର ଆବଶ୍ୟକତା ରହିଥାଏ। ଗାଡ଼ି ମାଲିକମାନଙ୍କ ଅଭିଯୋଗ ଅନୁଯାୟୀ, ଦୂର ସ୍ଥାନକୁ ଗାଡ଼ି ପଠାଇବା ପୂର୍ବରୁ ଟାଙ୍କି ଭର୍ତ୍ତି କରିବା ଏକ ସାଧାରଣ ପ୍ରକ୍ରିୟା, ମାତ୍ର ଏବେ କଟକଣା ଯୋଗୁଁ ସେମାନଙ୍କୁ ବାଟରେ ବାରମ୍ବାର ତେଲ ପକାଇବାକୁ ପଡୁଛି। ଏହା କେବଳ ସମୟ ଅପଚୟ କରୁନାହିଁ, ବରଂ ବାଟରେ କର୍ମଚାରୀଙ୍କ ଦ୍ୱାରା ତେଲ ଚୋରି ବା ହେରଫେର ହେବାର ଭୟ ମଧ୍ୟ ବଢ଼ାଇ ଦେଇଛି। ଲମ୍ବା ଦୂରଗାମୀ ବସ୍‌ଗୁଡ଼ିକ ବାରମ୍ବାର ପେଟ୍ରୋଲ ପମ୍ପରେ ଅଟକିବା ଫଳରେ ଯାତ୍ରୀମାନେ ମଧ୍ୟ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେଉଥିବାରୁ ବିରକ୍ତି ପ୍ରକାଶ କରୁଛନ୍ତି।

ତେବେ ଏହି କଟକଣା ପଛର ପ୍ରକୃତ କାରଣ କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇ ନଥିଲେ ମଧ୍ୟ, ବିଶ୍ୱସ୍ତରୀୟ ଯୁଦ୍ଧ ପରିସ୍ଥିତି ଓ ତୈଳ ସଙ୍କଟର ସମ୍ଭାବନାକୁ ଦୃଷ୍ଟିରେ ରଖି ଏଭଳି ସତର୍କତାମୂଳକ ପଦକ୍ଷେପ ନିଆଯାଇଥିବା ଅନୁମାନ କରାଯାଉଛି। ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପ ମ୍ୟାନେଜର ପ୍ରଦୀପ୍ତ ରଥ ଏବଂ ଭାରତ ପେଟ୍ରୋଲିୟମ୍ ପମ୍ପ ମ୍ୟାନେଜର ରବୀନ୍ଦ୍ର ସେନାପତିଙ୍କ କହିବା ଅନୁଯାୟୀ, ଉପରୁ ଆସିଥିବା ନିର୍ଦ୍ଦେଶକୁ ସେମାନେ ପାଳନ କରୁଛନ୍ତି। ବର୍ତ୍ତମାନ ପାଇଁ ତେଲର ଅଭାବ ନଥିଲେ ହେଁ, ଭବିଷ୍ୟତ ସଙ୍କଟକୁ ଏଡ଼ାଇବା ପାଇଁ ଏପରି 'ଲିମିଟ୍' ସେଟ୍ କରାଯାଇଥାଇପାରେ। ସହରର ଡିଲରମାନଙ୍କ ପାଖରେ ଏହି କଟକଣା କେବେ ହଟିବ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ନାହିଁ, ଯାହା ପରିବହନ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି।

## ସାଇବର୍ ସୁରକ୍ଷା ସଚେତନତା ସେମିନାର



ଭୁବନେଶ୍ୱର, ୨୫।୪(ସମିସ): ଇନର୍ ହ୍ୱିଲ କ୍ଲବ୍ ଅଫ ଭୁବନେଶ୍ୱର ରେଡିଆଣ୍ଟ ଦ୍ୱାରା 'ସାଇବର ସୁରକ୍ଷା : ୨୦୨୬ରେ ଡିଜିଟାଲ୍ ବିପଦକୁ ସମ୍ମୁଖୀନ କରିବା' ବିଷୟରେ ବୁଦ୍ଧମନ୍ଦିରଠାରେ ଏକ ସେମିନାର ଆୟୋଜିତ ହୋଇଛି। ମୁଖ୍ୟବକ୍ତା ଭାବେ ଏସିପି ତଥା ଆଇଟି ଏବଂ ସୋସିଆଲ ମିଡିଆ ସେଲର ଅକ୍ଷୟ କୁମାର ନାୟକ, ଭୁବନେଶ୍ୱର ସାଇବର ଅପରାଧର ବୃଦ୍ଧିଶୀଳ, ପରିଚୟ ଚୋରି ବିଷୟରେ ଉଲ୍ଲେଖକରି ଡିଜିଟାଲ୍ ସଚେତନତାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। ବ୍ୟକ୍ତିଗତ ଅନଲାଇନ ସୁରକ୍ଷା ପାଇଁ ବ୍ୟବହାରିକ ପଦକ୍ଷେପ ଏବଂ ବାସ୍ତବ ଉଦାହରଣ ଦେଇଥିଲେ। ମୁଖ୍ୟ ଅତିଥି ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ୍ ୩୨୬ ମଧୁସ୍ମିତା ତ୍ରିପାଠୀ ଏହି ପ୍ରୟାସକୁ ସ୍ୱାଗତକରି ନାଗରିକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଏବଂ ଦାୟିତ୍ୱଶୀଳ ଡିଜିଟାଲ୍ ଆଚରଣର ଆବଶ୍ୟକତା ଉଲ୍ଲେଖ କରିଥିଲେ। ସେମିନାର ଅଧ୍ୟକ୍ଷା ପିଡିସି ମଧୁମିତା ମହାନ୍ତି ସଭାର ଅଧ୍ୟକ୍ଷତାକରି ଏହି ଡିଜିଟାଲ୍ ଯୁଗରେ ସାଇବର ସୁରକ୍ଷାର ଗୁରୁତ୍ୱ ବିଷୟରେ ମତ ଦେଇଥିଲେ। କ୍ଲବ୍ ଅଧ୍ୟକ୍ଷା ବିଜୟ ଲକ୍ଷ୍ମୀ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ପୂର୍ବତନ ଅଧ୍ୟକ୍ଷା ଲକ୍ଷ୍ମୀ ପାତ୍ରଙ୍କ ଧନ୍ୟବାଦ ଦେଇଥିଲେ।

## ଆଚାର୍ଯ୍ୟ ଭାବାନନ୍ଦଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀର ଶୋକ

ଭୁବନେଶ୍ୱର, ୨୫।୪(ସମିସ):ଉତ୍କଳ ସମ୍ମିଳନୀର ପୂର୍ବତନ କୋଷାଧ୍ୟକ୍ଷ ଡ. ଭାବଗ୍ରାହୀ ମିଶ୍ର ଅବା ଆଚାର୍ଯ୍ୟ ଭାବାନନ୍ଦଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ଆଚାର୍ଯ୍ୟ ଭାବାନନ୍ଦ ଉତ୍କଳ ସମ୍ମିଳନୀର କୋଷାଧ୍ୟକ୍ଷ ଥିବା ସମୟରେ ଉତ୍କଳ ସମ୍ମିଳନୀର ଗୌରବ ଅକ୍ଷୁର୍ଣ୍ଣ ରଖିବା ପାଇଁ ବହୁ ଚେଷ୍ଟା କରିଥିଲେ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ଉପଦେଷ୍ଟା ପଦ୍ମଚରଣ ନାୟକ, ସଭାପତି ଅନନ୍ତ ପ୍ରସାଦ ଜେନା ଓ ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ପ୍ରମୁଖ ଶୋକ ବ୍ୟକ୍ତକରି କହିଛନ୍ତି। ଡ. ଭାବଗ୍ରାହୀ ମିଶ୍ର ୧୯୯୫ ମସିହା ଜାନୁୟାରୀ ମାସରେ ଉତ୍କଳ ସମ୍ମିଳନୀର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇ ୧୯୯୯ ମସିହା ପର୍ଯ୍ୟନ୍ତ ଅନୁଷ୍ଠାନକୁ ସ୍ୱଚ୍ଛ ଓ ନିର୍ମଳ ଭାବରେ ଚଳାଇବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ।

## ମନୋଜ ଦାସଙ୍କର କାହାଣୀ ପାଠକଙ୍କୁ ଦିଗଦର୍ଶନ କରୁଥିବ

ଭୁବନେଶ୍ୱର, ୨୫।୪(ସମିସ): ଓଡ଼ିଶାର ଖ୍ୟାତନାମା ଦିବଂଗତ କଥାଶିଳ୍ପୀ ମନୋଜ ଦାସଙ୍କ ସୃଜନ ଗଳ୍ପରୁ ସଂଗୃହିତ ଓ ସଂକଳିତ ପକ୍ଷୀଘର ପ୍ରକାଶନୀ ପ୍ରକାଶିତ 'ମନୋଜ ଦାସ ଅସ୍ତମିତ ସାମନ୍ତବାଦର କାହାଣୀ' ଏବଂ 'ମନୋଜ ଦାସଙ୍କ କିଶୋର ମନସ୍ତତ୍ତ୍ୱର କାହାଣୀମାଳା' ଦୁଇଟି ପୁସ୍ତକ ଗୀତଗୋବିନ୍ଦ ସଦନରେ ପାଠକାର୍ପିତ ହୋଇଯାଇଛି। ବିଶିଷ୍ଟ ସିନେ ବ୍ୟକ୍ତିତ୍ୱ ଓ ଲୋକପ୍ରିୟ ଲେଖକ ପ୍ରଶାନ୍ତ ନନ୍ଦ ପୁସ୍ତକ ଦ୍ୱୟର ଲୋକାର୍ପଣ କରି ମନୋଜ ଦାସଙ୍କର ଯୁଗାନ୍ତକାରୀ କାହାଣୀ ଆଗାମୀ ବର୍ଷ ବର୍ଷ ଧରି ଓଡ଼ିଶାର ପାଠକମାନଙ୍କୁ ଦିଗଦର୍ଶନ କରୁଥିବ ବୋଲି କହିଥିଲେ। ପୁସ୍ତକ ଦ୍ୱୟର ସଂକଳକ କବି ଅରୁଣ କୁମାର ସାହୁ ମନୋଜ ସାହିତ୍ୟକୁ ନେଇ ଗବେଷଣା କରିଥିବା ଅନୁସନ୍ଧାନଲବ୍ଧ ଉଭୟ ସଂକଳନ ବିଷୟରେ ଆଲୋକପାତ କରିଥିଲେ। ମନୋଜ ଦାସଙ୍କ ଝିଆରି ଡାକ୍ତର ସଂଘମିତ୍ରା ଦାସ ମନୋଜ ଦାସଙ୍କ ସହିତ କଟିଥିବା ତାଙ୍କର ବାଲ୍ୟ, କୈଶୋର ଜୀବନର କଥା ସବୁ ଆଲୋଚନା କରିଥିଲେ। ଗାଳ୍ପିକ ଅଜୟ ସ୍ୱାଇଁ ମନୋଜ ଦାସଙ୍କର ଗଳ୍ପର ଗୁଣାତ୍ମକ ବିଭବ ବିଷୟରେ ଏବଂ ସାହିତ୍ୟିକ ବନଜ ଦେବୀ ତାଙ୍କର ମାନବିକ ଆଧ୍ୟାତ୍ମିକତା ବିଷୟରେ ଆଲୋଚନା କରିଥିଲେ। ଡ଼. ପ୍ରବୀଣା ମହାନ୍ତି, ସ୍ୱାମୀ ରୁଦ୍ରବେଶାନନ୍ଦ ଗିରି, କବି ଅଶୋକ ପୁହାଣ, ଚିନ୍ତକ ଶୁଭ୍ରାଂଶୁ ଶେଖର ପରିଡ଼ା ଏବଂ ସମାଜସେବୀ ଶ୍ରୀନିବାସ ମାନସିଂହ ଓ ଡ଼. ଦତ୍ତାତ୍ରେୟ ଦାଶଙ୍କୁ ମନୋଜ ପାଠକ ପୁରସ୍କାର ଅର୍ପଣ କରାଯାଇଥିଲା। ପକ୍ଷୀଘର



ପ୍ରକାଶନୀର ସମ୍ପାଦକ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ପ୍ରକାଶିକା ବବିତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଲକୋର ଦୁଇ ପୂର୍ବତନ ସିଏମ୍‌ଡି ଗଦାଧର ଉପାଧ୍ୟାୟ, ଚିତ୍ତରଞ୍ଜନ ପ୍ରଧାନ, ଅଶୋକ ସାହୁ, ଗାଳ୍ପିକ ମିହିର ସାହୁ, ଅଲେଖ ତ୍ରିପାଠୀ, ବିଜୟ ପଟ୍ଟନାୟକ, ଅକ୍ଷୟ ବେହେରା, କ୍ଷୀରୋଦ ଦାସ, କ୍ଷୀରୋଦ ପରିଡ଼ା, ହିମାଂଶୁ ପରିଡ଼ା, ଡ଼ଃ ଇତି ସାମନ୍ତ, ବିୟତପ୍ରଜ୍ଞା ତ୍ରିପାଠୀ, ଶରତ କୁମାର ନାୟକ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ପୂଜ୍ୟପୂଜା ଓଡ଼ିଶା ପକ୍ଷରୁ ବିଦ୍ୟାଳୟ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୫।୪(ସମିସ):ୟୁନିଟ୍-୨ସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପୂଜ୍ୟ ପୂଜା, ଓଡ଼ିଶା ପକ୍ଷରୁ ଏକ ଆଲୋଚନାଚକ୍ର ଏବଂ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପ୍ରଧାନଶିକ୍ଷୟିତ୍ରୀ ସବିତା ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଲୋଚକ ଭାବେ ସାରସ୍ୱତ ସଂଗଠକ ତଥା ପୂଜ୍ୟପୂଜା ଓଡ଼ିଶାର ସମ୍ପାଦକ ରମାକାନ୍ତ ମିଶ୍ର ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରି ତାଙ୍କୁ ଜଣେ ଓଡ଼ିଶା ରାଜନୀତିର କିମ୍ବଦନ୍ତୀ ପୁରୁଷ ଭାବେ ପ୍ରତିପାଦିତ କରିଥିଲେ। ଏହାସହ ସାହିତ୍ୟକ ସାତକଡ଼ି ହୋତା ଓ ହୃତ୍‌ରୋଗ ବିଶେଷଜ୍ଞ କବି ପ୍ରସାଦ ମିଶ୍ରଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ ଏବଂ ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ ଓ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ଛାତ୍ରଛାତ୍ରୀଙ୍କୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷୟିତ୍ରୀ ସୁଷମା ମହାପାତ୍ର, ବରିଷ୍ଠ ଶିକ୍ଷକ ମଧୁସୂଦନ ଦାଶ ପରିଚାଳନା କରିଥିଲେ।

### ଖରା ସାଙ୍ଗକୁ ବଢୁଛି ପଖାଳ ବେପାର

## ହଂସା ମେଣ୍ଟାଉଛି ରାସ୍ତାକଡ଼ର ପଖାଳ କଂସା

ଭୁବନେଶ୍ୱର, ୨୫।୪(ସମିସ): ପଖାଳ କେତେବେଳେ କାହାର ଆହାର ପାଲଟିଛି ତ ଆଉ କେତେବେଳେ କାହାର ରୋଜଗାର ପାଲଟିଛି। ବିଶେଷକରି ଏହି ଖରା ଦିନରେ ସଭିଙ୍କ ସାହାରା ପାଲଟିଯାଇଛି। ମୁନ୍ଦାଏ ତୋରାଣି, ମୁଠାଏ ଭାତର ଏ ମହକ ବର୍ତ୍ତମାନ ସମୟରେ ଆବଶ୍ୟକତାରେ ପରିଣତ ହେଲାଣି କହିଲେ ଭୁଲ ହେବନି। ବିଶେଷକରି ଏହି ଧୁଧୁ ଖରାରେ ଦିନମଜୁରିଆ ବା ଶ୍ରମିକଙ୍କ ପାଇଁରାସ୍ତା କଡ଼ର ପଖାଳ କଂସା ଏବେ ସାହାରା ପାଲଟିଛି।



ବର୍ତ୍ତମାନ ଅସହ୍ୟ ଗରମ ଓ ଗୁଳୁଗୁଳିରେ ଆଉଟୁପାଉଟୁ ହେଉଛନ୍ତି ଲୋକେ। ତାକୁ ନଜରରେ ରଖି ଅନେକ ରାସ୍ତା କଡ଼ର ଠେଲା ଏବଂ ଛୋଟ ବଡ ହୋଟେଲରେ ପଖାଳ କଂସା ଖାଇବାରେ ପରସା ଗଲାଣି। ସଞ୍ଜ ହେଉ କି ସକାଳ, କି ବୈଶାଖର ଉଦୁଉଦିଆ ଖରାବେଳ। ଭୋକିଲା ପେଟ ଯେତେବେଳେ ଦାନା ଖୋଜେ, ସେତେବେଳେ ସାମ୍ନାକୁ ଚାଲିଆସେ ପଖାଳ। ଧୁଁ ଧୁଁ ଖରାରେ କାମ ସାରି ଦିନ ମଜୁରିଆଙ୍କ ପାଇଁ ଏଇ ପଖାଳ ହିଁ ବର୍ତ୍ତମାନ ସାହାରା ପାଲଟିଛି। କାରଣ ପଖାଳକୁ ଖାଲି ଖାଦ୍ୟ କହିଦେଲେ ବୋଧହୁଏ ଭୁଲ ହେଇଯିବ। ଏହା ଓଡିଆଙ୍କ ନିତି ଦିନର ବନ୍ଧୁ। ସେଥିପାଇଁ ରାସ୍ତା କଡର ଠେଲା ଓ ଛୋଟ ହୋଟେଲରେ ଜଣେ ଗରିବଟିଏ ଖାଇଲା ପରି ପଖାଳ କଂସା ବିକ୍ରି



ହେଉଛି। ପ୍ରତିଦିନ କଳ୍ପନା ଛକର ରବି ଭାଇନାଙ୍କ ଠେଲା ଏବଂ ସତ୍ୟନଗରର ଦୁର୍ଯ୍ୟୋଧନ ମଉସାଙ୍କ ଝୁମ୍ପୁଡି ହୋଟେଲ ଗରିବଙ୍କ ପାଇଁ ଏଇ ମହଙ୍ଗା ରାଜଧାନୀରେ ଶସ୍ତା ହୋଟେଲ ସାଜିଛି। ଯେଉଁଠି ପଖାଳର ମୂଲ୍ୟ ୨୦ ଟଙ୍କାରୁ ଆରମ୍ଭ। ମାତ୍ର ୨୦ ଟଙ୍କାରେ ପେଟେ ପାଖଳ ଖାଇ ଆତ୍ମାଶାନ୍ତି କରୁଛନ୍ତି ଲୋକେ। ବର୍ଷର ୧୨ ମାସ ଯାକ ଏଠାରେ ଲାଗେ ଭୋକର ଭିଡ। ଯେଉଁଠି ପରସା ଯାଏ ପଖାଳ ସହ ଆଳୁ ଭର୍ତ୍ତା, ଭଜା, ବାଇଗଣ ଚଟଣୀ ଓ ଶାଗଭଜାର ଥାଳି। ପେଟପାଟଣା ପାଇଁ ଧାଉଁଥିବା ଏହି ସହର ରହଣିସ୍ଥଳ ପାଲଟିଛି ଏପରି ଠେଲା ଏବଂ ହୋଟେଲ। ଏଠି ଠେଲାକୁ ଖାଲି ଖଟିଖିଆ ଆସନ୍ତିନି ବରଂ ଡ୍ରାଇଭର, କଲେଜ ପିଲା ଓ ହଷ୍ଟେଲ ପିଲା ମଧ୍ୟ ଭୋକ ମେଣ୍ଟାଇବାକୁ ଆସନ୍ତି। ସବୁଠାରୁ ବଡ କଥା ହେଉଛି ମହଙ୍ଗା ବଜାରରେ ଦରଦାମ ଯେତେ ବଢ଼ିଲେ ବି ଏଠାରେ ପଖାଳର ଦାମ କିନ୍ତୁ ସେହି ୨୦ ଟଙ୍କା ହିଁ ଥାଏ। କାରଣ ଦର ବଢ଼ାଇଲେ ଗରିବ ଲୋକଙ୍କ ପକେଟକୁ ବାଧିବ ବୋଲି ଏପରି ମୂଲ୍ୟ ନିର୍ଦ୍ଧାରିତ ଅଛି ବୋଲି ଦୂର୍ଯ୍ୟଧନ ମଉସା ଏବଂ ରବି ଭାଇନା କହିଛନ୍ତି। ସେହିପରି ରାଜଧାନୀର ଅନ୍ୟ ଛୋଟ ହୋଟେଲରେ ମଧ୍ୟ ଏବେ ପଖାଳ ବେପାର ଖରା ସାଙ୍ଗକୁ ବଢୁଥିବା ପରିଲକ୍ଷିତ ହେଉଛି।

